# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ରସଂଖ୍ୟା. ୧୫୯ / ସୂ.ଲୋ.ସ., ତା. ୦୫/୦୨/୨୦୧୯

e-mail- dkl.dipro@gmail.com
ଦୂରଭାଷ- (୦୬୭୬୨)-୨୨୪୪୧୪

## ଢେଙ୍କାନାଳ ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରମାଣୀକରଣ ଓ ପର୍ଯ୍ୟବେକ୍ଷଣ ପ୍ରକୋଷ୍ଠ ଗଠିତ

ଢେଙ୍କାନାଳ, ତା. ୦୫.୦୨.୨୦୧୯ରିଖ:- ଆଗାମୀ ସାଧାରଣ ଲୋକସଭା ନିର୍ବାଚନ ଓ ଓଡ଼ିଶା ବିଧାନସଭା ନିର୍ବାଚନ-୨୦୧୯ ପରିପ୍ରେକ୍ଷୀରେ ସମସ୍ତ ରାଜନୈତିକ ବିଜ୍ଞାପନ ଟେଲିଭିଜନ ଚାନେଲ ଏବଂ କେବୁଲ ନିଉଜ୍ ନେଟ୍‌ୱାର୍କ ମାଧ୍ୟମରେ ପ୍ରସାରଣ ନିମନ୍ତେ ଦରଖାସ୍ତଗୁଡ଼ିକୁ ପ୍ରମାଣପତ୍ର ପ୍ରଦାନ ଓ ପ୍ରଦତ୍ତ ସମ୍ବାଦ ପର୍ଯ୍ୟବେକ୍ଷଣ ପାଇଁ ଢେଙ୍କାନାଳ ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରମାଣୀକରଣ ଓ ପର୍ଯ୍ୟବେକ୍ଷଣ ପ୍ରକୋଷ୍ଠ ନିମ୍ନଲିଖିତ ଅଧିକାରୀମାନଙ୍କୁ ନେଇ ଗଠନ କରାଯାଇଛି ।

ଶ୍ରୀ ନିଖିଲ୍ ପୱନ କଲ୍ୟାଣ, ଭା.ପ୍ର.ସେ. ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ଢେଙ୍କାନାଳ ଅଧ୍ୟକ୍ଷ, ଶ୍ରୀ ପିତାମ୍ବର ସାମଲ, ଓ.ପ୍ର.ସେ. ରିଟର୍ଣ୍ଣିଂ ଅଫିସର ତଥା ଉପ-ଜିଲ୍ଲାପାଳ, ଢେଙ୍କାନାଳ, ଶ୍ରୀ ଭବେଶ କୁମାର ନାୟକ, ଓ.ପ୍ର.ସେ. (ଏସ୍) ରିଟର୍ଣ୍ଣିଂ ଅଫିସର ତଥା ଉପ-ଜିଲ୍ଲାପାଳ, ହିନ୍ଦୋଳ ଏବଂ ଶ୍ରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଓ.ପ୍ର.ସେ., ରିଟର୍ଣ୍ଣିଂ ଅଫିସର ତଥା ଉପ-ଜିଲ୍ଲାପାଳ, କାମାକ୍ଷାନଗର,ସଦସ୍ୟ, ଶ୍ରୀ ହେମନ୍ତ କୁମାର ନାୟକ, ଓ.ସୂ.ସେ., ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଢେଙ୍କାନାଳ, ସଦସ୍ୟ ଆବାହକ ଏମ୍.ସି.ଏମ୍.ସି. ଏବଂ ଶ୍ରୀ ପ୍ରସନ୍ନ ପଟ୍ଟନାୟକ, ସ୍ୱାଧୀନ ନାଗରିକ, ଢେଙ୍କାନାଳଙ୍କୁ ସଦସ୍ୟ ଭାବେ ନେଇ ଗଠିତ ହୋଇଛି । ଉପରୋକ୍ତ ଅଧିକାରୀମାନଙ୍କର ମୋବାଇଲ ଓ କାର୍ଯ୍ୟାଳୟ ଟେଲିଫୋନ୍ ନମ୍ବର ମଧ୍ୟ ଏହି ଆଦେଶରେ ପ୍ରଦାନ କରାଯାଇଛି ।

ହେମନ୍ତ କୁମାର ନାୟକ ୦୫/୦୨/୨୦୧୯

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,

ଢେଙ୍କାନାଳ